OCPL Odisha Coal and Power Limited

ଓଡିଶା କୋଲ୍ ଆଣ୍ଡ୍ ପାୱାର ଲିମିଟେଡ୍
(ଓଡିଶା ସରକାରଙ୍କର ଏକ ଉଦ୍ୟୋଗ)
ଜୋନ୍-ଏ,  ଚତୁର୍ଥ ଫ୍ଲୋର୍, ଫର୍ଚ୍ଚୁନ୍ ଟାୱାର୍, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର-୭୫୧୦୨୩, ଓଡିଶା । ଇ-ମେଲ୍: hrd @ocpl.org.in

ବିଜ୍ଞାପନ ସଂଖ୍ୟା : ଓସିପିଏଲ/ଏଚ୍ଆର୍/ ୨୦୨୬/୦୧ ତାରିଖ:  ୨୯ /୦୪/ ୨୦୨୬

ଓଡିଶା ସରକାରଙ୍କର କମ୍ପାନୀ ଓସିପିଏଲ୍, ମନୋହରପୁର ଖଣିର ବିସ୍ଥାପିତ ପରିବାର ମାନଙ୍କ ମଧ୍ୟରୁ ଏବଂ ପାରିପାର୍ଶ୍ୱିକ ଅଞ୍ଚଳ ର ଯୋଗ୍ୟ ପ୍ରାର୍ଥୀଙ୍କୁ "**ମାଇନିଂ ସିରଦାର**" ପାଠ୍ୟକ୍ରମ ପାଇଁ ତାଲିମ ପ୍ରଦାନ କରିବ । ଯୋଗ୍ୟତା ମାନଦଣ୍ଡ ଏବଂ ଆବେଦନ ପତ୍ର ଦାଖଲ ପ୍ରକ୍ରିୟା ପାଇଁ, ଦୟାକରି ଆମର ୱେବସାଇଟ www.ocpl.org.in କୁ ଅନୁସରଣ କରନ୍ତୁ ।

Sd /-

ହେଡ୍ (ଏଚ୍ଆର୍)
ଓଡିଶା କୋଲ୍ ଆଣ୍ଡ୍ ପାୱାର ଲିମିଟେଡ୍
ଭୁବନେଶ୍ୱର (ଓଡିଶା)  ଫୋନ୍:  ୦୬୭୪-୨୩୦୦୬୫୪/୨୩୦୦୬୭୪

# ବିଜ୍ଞପ୍ତି

ଓସିପିଏଲ୍ ଅଧିନସ୍ଥ ମନୋହରପୁର ଏବଂ ଡିପ୍ ସାଇଡ୍ ମନୋହରପୁର କୋଇଲା ଖଣି ପ୍ରକଳ୍ପର ସମସ୍ତ ପ୍ରକଳ୍ପ ବିସ୍ଥାପିତ ଏବଂ ପାରିପାର୍ଶ୍ୱିକ ଅଞ୍ଚଳ ପରିବାର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓସିପିଏଲ୍ " ମାଇନିଂ ସିରଦାର" ତାଲିମ ପାଇଁ ଯୋଗ୍ୟ ପ୍ରାର୍ଥୀ ମାନଙ୍କୁ ଅନ୍-ସାଇଟ୍ କ୍ଷେତ୍ର ଶିକ୍ଷାର୍ଥୀ ତାଲିମ ( ଅନ୍- ସାଇଟ୍ ଫିଲ୍ଡ ଆପ୍ରେଣ୍ଟିସ ଟ୍ରେନିଂ) ଯୋଗାଇ ଦେବ ।

ଏହି ତାଲିମ ଅବଧି ୩ ବର୍ଷ ରହିବା ସହିତ ତାଲିମ୍ ପାଇଁ ପାରିଶ୍ରମିକ (ଷ୍ଟାଇଫେଣ୍ଡ) ପ୍ରଦାନ ର ବ୍ୟବସ୍ଥା ରହିଛି । ଏହି ତାଲିମ୍ ଡିଜିଏମ୍ଏସ୍ (ଡାଇରେକ୍ଟୋରେଟ ଜେନେରାଲ ଅଫ୍ ମାଇନ୍ସ ସେଫ୍ଟି ) ର ମାର୍ଗଦର୍ଶିକା ତଥା ଖଣି ଅଧିନିୟମ ( ମାଇନିଂ ଆକ୍ଟ ) ର ବିଧି ବ୍ୟବସ୍ଥା (ଷ୍ଟାଟୁଟାରି ପ୍ରୋଭିଜନ୍) ମୁତାବକ ହେବ ।

ଆଗ୍ରହୀ ପ୍ରକଳ୍ପ ବିସ୍ଥାପିତ ଏବଂ ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କର ଯୋଗ୍ୟ ପ୍ରାର୍ଥୀ ମାନେ ସେମାନଙ୍କର ଆବେଦନପତ୍ର ମାଇନ୍ସ ହେଡ୍, ମନୋହରପୁର କୋଲ୍ ମାଇନ୍ ଙ୍କୁ ତା ୧୯.୦୫.୨୦୨୬ ସୁଦ୍ଧା ଦାଖଲ କରି ପାରିବେ । ଆବେଦନର ଫର୍ମାଟ ଓସିପିଏଲ୍ ର ୱେବସାଇଟ୍ ରେ ଉପଲବ୍ଧ ଅଛି । ତା ୧୯.୦୫.୨୦୨୬ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

ଆବେଦନକାରୀ ଙ୍କ ଯୋଗ୍ୟତା ମାନଦଣ୍ଡ ( ଏଲିଜିବିଲିଟି କ୍ରାଇଟାରିଆ) :

୧. ଏହା କେବଳ ଓସିପିଏଲ୍ ପ୍ରକଳ୍ପ ବିସ୍ଥାପିତ ଏବଂ ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କ ପାଇଁ ପ୍ରଯୁଜ୍ୟ ।
୨. ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଇଣ୍ଟର ମିଡିଏଟ (ବିଜ୍ଞାନ/ ବାଣିଜ୍ୟ / କଳା) ।
୩. ତା: ୧୯.୦୫.୨୦୨୬ ରିଖ ସୁଦ୍ଧା ବୟସ ସୀମା ୧୮ ରୁ ୩୦ ବର୍ଷ ମଧ୍ୟରେ ରହିବା ଆବଶ୍ୟକ ।
୪. ଏହା କେବଳ ପୁରୁଷ ପ୍ରାର୍ଥୀ ଙ୍କ ପାଇଁ ପ୍ରଯୁଜ୍ୟ ।
୫. ଆବେଦନକାରୀ ଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ର ସମ୍ପୂର୍ଣ୍ଣ ବିବରଣୀ ନିମ୍ନଲିଖିତ ସାରଣୀ ରେ ଦର୍ଶା ଯାଇଅଛି ।

| ତାଲିମକାର୍ଯ୍ୟକ୍ରମର ନାମ | ଅସଂରକ୍ଷିତ ବର୍ଗ (ୟୁ ଆର୍) | ଏସ୍ ଇବିସି | ଏସ୍ ସି | ଏସ୍ ଟି | ସମୁଦାୟ |
|---|---|---|---|---|---|
| ମାଇନିଂ ସିରଦାରସିପ୍ | ୫ | ୧ | ୨ | ୨ | ୧୦ |

୬. ୩ ବର୍ଷୀୟ ତାଲିମ୍ ପାଇଁ ପାରିଶ୍ରମିକ (ଷ୍ଟାଇଫେଣ୍ଡ) ଟ. ୧୧ ,୯୮୧. ୦୦ ମାସିକ ପ୍ରଦାନ କରାଯିବ ।

**ତାଲିମ୍ ନିମନ୍ତେ ସବିଶେଷ ସର୍ତ୍ତାବଳୀ (ଟର୍ମସ୍ ଆଣ୍ଡ କଣ୍ଡିସନ୍):**

୧. ତାଲିମ୍ କାର୍ଯ୍ୟକ୍ରମର ଅବଧି ତିନି ବର୍ଷ ।
୨. ତଲିମ୍ ର ସଫଳ ସମାପ୍ତି ପରେ ଯୋଗ୍ୟ ପ୍ରାର୍ଥୀ ମାନେ ଡିଜିଏମ୍ଏସ୍, ଧାନବାଦ୍ ଦ୍ୱାରା ପରିଚାଳିତ "ମାଇନିଂ ସିରଦାର" ପରିକ୍ଷା ଦେବା ଆବଶ୍ୟକ ।
୩. ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ମାନଙ୍କୁ ଡିଜିଏମ୍ଏସ୍ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯିବ।
୪. ଓସିପିଏଲ୍ ପ୍ରାର୍ଥୀ ମାନଙ୍କୁ ଫାଷ୍ଟ-ଏଡ୍ ତାଲିମ୍ ପ୍ରଦାନ କରିବା ସହିତ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରିବ।
୫. ଓଡିଶା ସରକାରଙ୍କର ମାର୍ଗଦର୍ଶିକା ଅନୁଯାୟୀ ତାଲିମ୍ ନେଉଥିବା ପ୍ରାର୍ଥୀ ମାନଙ୍କୁ ମାସିକିଆ ପାରିଶ୍ରମିକ (ଷ୍ଟାଇଫେଣ୍ଡ) ପ୍ରଦାନ କରାଯିବ ।
୬. ଚୟନ କରା ଯାଇଥିବା ପ୍ରାର୍ଥୀମାନେ ଓସିପିଏଲ୍ ସହିତ ୩ବର୍ଷୀୟ ତାଲିମ୍ ସମ୍ପୂର୍ଣ୍ଣ କରିବା ପାଇଁ ଚୁକ୍ତି ସ୍ୱାକ୍ଷର କରିବେ। ଯଦି ସମୟ ଶେଷ ପୂର୍ବରୁ କୌଣସି ପ୍ରାର୍ଥୀ ତାଲିମ ଛାଡି ଚାଲି ଯିବାକୁ ଇଚ୍ଛା କରନ୍ତି, ତେବେ ତାଲିମ ବାବଦରେ ସେହି ପର୍ଯ୍ୟନ୍ତ ନେଇଥିବା ସମସ୍ତ ପାରିଶ୍ରମିକ ଓସିପିଏଲ୍ କୁ ପୈଠ କରିବେ।
୭. ତାଲିମ କାର୍ଯ୍ୟକ୍ରମ ପରେ ଓସିପିଏଲ୍ ରେ ଚାକିରୀ କରିବା ପାଇଁ କୌଣସି ପ୍ରାବଧାନ ନାହିଁ।
୮. ଆବେଦନକାରୀ ମାନେ ଓସିପିଏଲ୍ ର ପ୍ରକଳ୍ପ ବିସ୍ଥାପିତ/ପ୍ରଭାବିତ ଗ୍ରାମ ଗୁଡିକର ସ୍ଥାୟୀ ବାସିନ୍ଦା ହେବା ଜରୁରୀ ।
୯. ଆବେଦନ ଗ୍ରହଣ କରିବାର ଶେଷ ତାରିଖ ହେଉଛି ୧୯.୦୫.୨୦୨୬ । ତା ୧୯.୦୫.୨୦୨୬ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।
୧୦. ଅବେଦନକାରୀ ମାନେ ହେଡ୍ ଅଫ୍ ମାଇନ୍ସ , ଓଡିଶା କୋଲ୍ ଏବଂ ପାୱାର ଲିମିଟେଡ୍, ଆଟ୍/ପୋ.- ସରବାହାଲ, ହେମଗିର୍, ଡିଷ୍ଟ- ସୁନ୍ଦରଗଡ ଙ୍କୁ ଆବେଦନ ପତ୍ର ଏବଂ ଅନ୍ୟାନ୍ୟ ସାର୍ଟିଫିକେଟର ନକଲ ଦାଖଲ କରିବେ।
୧୧. ଓସିପିଏଲ୍ ର ମାର୍ଗଦର୍ଶିକା ମୁତାବକ, ସାକ୍ଷାତକାର (ଇଣ୍ଟରଭିୟୁ) ମାଧ୍ୟମରେ ଦକ୍ଷ ପ୍ରାର୍ଥୀ ମାନଙ୍କୁ ଚୟନ କରାଯିବ ।

୧୨. ଆବଶ୍ୟକ ସ୍ଥଳେ ତାଲିମ୍ କାର୍ଯ୍ୟକ୍ରମ କୁ ରଦ୍ଧ କରିବା ପାଇଁ ଓସିପିଏଲ୍ ର ସମ୍ପୂର୍ଣ୍ଣ ଅଧିକାର ରହିଛି ।

ହେଡ୍ (ଏଚ୍ଆର୍)
ଓଡିଶା କୋଲ୍ ଆଣ୍ଡ୍ ପାୱାର ଲିମିଟେଡ୍

Odisha Coal and Power Limited
OCPL

# APPLICATION FORMAT FOR THE APPERENTICE TRAINING FOR MINING SIRDAR

1. Name in full:
2. Present Address:
3. Date of Birth:
4. Age as on the date of advertisement : Years Month Days
5. Nationality:
6. Aadhar No.
7. Whether belongs to SC/ST/OBC:
8. QUALIFICATION:

Education Qualification:

a) Academic:

| Sl No. | Course | Board/School | Percentage of mark obtained |
|---|---|---|---|
| 1 | HSC ($10^{TH}$) | | |
| 2 | +2 ($12^{TH}$) | | |
| 3 | Graduation | | |
| 4 | Other qualifications if any | | |

**(Name and Signature of the applicant)**

Date:

Place:

Note: Copies of Testimonials in support of age, qualifications, experience etc. may be furnished, wherever necessary. OCPL dose not give guarantee for the absorption of the applicant after passing of the Apprentice Examination.